# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**01st April - 2024**

**News Editor : *Tapan Kumar Maharana***

*************************************

## ମୁଖ୍ୟ ସମ୍ବାଦ

- ଦ୍ରୁତ ଅଭିବୃଦ୍ଧି, ବିଶ୍ୱାସ ଏବଂ ସ୍ଥିରତା ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି; କହିଲେ ପ୍ରଧାନମନ୍ତ୍ରୀ ।

- ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ ପାଳିତ ।

- ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଅସାନ୍ତାକାଲିଠାରୁ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ସ୍କୁଲଗୁଡ଼ିକରେ ହେବ ସକାଳୁଆ ପାଠପଢ଼ା ।

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତାକାଲିଠାରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ସମ୍ଭାବନା ।

*PIB*

# ରିଜର୍ଭ ବ୍ୟାଙ୍କ ପ୍ରତିଷ୍ଠା ଦିବସ

ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଆଜି ତା'ର ୯୦ତମ ପୂର୍ତ୍ତି କରିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ମୁମ୍ବାଇଠାରେ ଆୟୋଜିତ ୯୦ତମ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଛନ୍ତି, ବିଶ୍ୱରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଦ୍ରୁତ ଅଭିବୃଦ୍ଧି, ବିଶ୍ୱାସ ଏବଂ ସ୍ଥିରତା ଉପରେ ଏହି କେନ୍ଦ୍ରୀୟ ବ୍ୟାଙ୍କ୍ ପ୍ରାଥମିକତା ଦେଇଆସୁଛି । ଆସନ୍ତା ୧୦ ବର୍ଷ ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଶତବାର୍ଷିକୀ ପାଳିନ କରିବା ସହିତ ବିକଶିତ ଭାରତର ସଙ୍କଳ୍ପ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବ । ପ୍ରଧାନମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ କହିଥିଲେ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଡିଜିଟାଲ୍ ଦେୟ ପାଇଁ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ଯୋଗୁଁ କ୍ଷୁଦ୍ର ବ୍ୟବସାୟୀ ଏବଂ ଉଠାଦୋକାନୀମାନଙ୍କ ଆର୍ଥିକ ଅବସ୍ଥାକୁ ସଶକ୍ତ କରିଛି । ସୂଚନାଯୋଗ୍ୟ, ୧୯୩୫ ମସିହାରେ ଆଜିର ଦିନରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ କାର୍ଯ୍ୟ ଆରମ୍ଭ କରିଥିଲା ।

*Desk*

# ଉତ୍କଳ ଦିବସ

ରାଜ୍ୟରେ ଆଜି ପାଳିତ ହେଉଛି ଉତ୍କଳ ଦିବସ । ୧୯୩୬ ମସିହା ଏପ୍ରିଲ ମାସ ଆଜିର ଦିନରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ଗଠନ କରାଯାଇଥିଲା । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଆଜି ଗର୍ବ ଏବଂ ଗୌରବର ଦିନ । ପୃଥିବୀର ୨୦ଟି ସମୃଦ୍ଧ ସଭ୍ୟ ଓ ସୃଜନଶୀଳ ଭାଷା ମଧ୍ୟରୁ ଓଡ଼ିଆ ଭାଷା ଗୋଟିଏ । ଓଡ଼ିଆ ଭାଷା ତା'ର କଳା, ସଂସ୍କୃତି, ଐତିହ୍ୟ ଏବଂ ଭାସ୍କର୍ଯ୍ୟରେ ପରିପୂର୍ଣ୍ଣ ଇତିହାସକୁ ନେଇ ବିଶ୍ୱରେ ଖ୍ୟାତିଲାଭ କରିଛି । ପରାଧୀନ ଶୃଙ୍ଖଳରୁ ମୁକ୍ତ ହୋଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କଠାରୁ ଆରମ୍ଭ କରି ସ୍ୱଭାବକବି ଗଙ୍ଗାଧର ମେହେର, କର୍ମବୀର ଗୌରୀଶଙ୍କର ରାୟଙ୍କ ପର୍ଯ୍ୟନ୍ତ ମହାନ୍ ବ୍ୟକ୍ତିତ୍ୱଙ୍କର ଓଡ଼ିଆ ଭାଷା, ସାହିତ୍ୟ ସହିତ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ୧୯୫୪ ମସିହାରେ ଭାଷା ଆଇନ୍ ସଂଶୋଧିତ ହୋଇ ଓଡ଼ିଆ ଭାଷା ସରକାରୀ ଭାଷାର ମାନ୍ୟତା ପାଇଥିଲା ।

ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱର ଜୟଦେବ ଭବନ ପ୍ରଦର୍ଶନୀ କକ୍ଷରେ ଉତ୍କଳ ଦିବସ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି । ଉନ୍ନୟନ କମିଶନର୍ ଅନୁ ଗର୍ଗ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ପ୍ରଦର୍ଶନୀରେ ଉତ୍କଳ ସମ୍ମିଳନୀର ବିଭିନ୍ନ

ଅଧିବେଶନ ଫଟୋଚିତ୍ର ସହ ମହାନ୍ ବ୍ୟକ୍ତିତ୍ୱମାନଙ୍କ ଫଟୋଚିତ୍ର ସ୍ଥାନ ପାଇଛି ।

***Desk, All PTCs***

## ପୁଲିସ୍ ପ୍ରତିଷ୍ଠା ଦିବସ

ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମା ଏବଂ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏବଂ ପୁଲିସ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। ପୁଲିସ ଦିବସ ପାଳନ ଅବସରରେ ଜିଲ୍ଲାସ୍ତରରେ ହୋଇଥିବା କାର୍ଯ୍ୟକ୍ରମଗୁଡ଼ିକରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରାଯାଇଥିଲା।

ନୂଆପଡ଼ା ରିଜର୍ଭ ପୁଲିସ୍ ପଡ଼ିଆଠାରେ ପୁଲିସ୍ ପ୍ରତିଷ୍ଠା ଦିବସରେ ନୂଆପଡ଼ା ଏସ୍.ପି. ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା କ୍ଷେତ୍ରରେ ପୁଲିସ୍‌ର ଭୂମିକାକୁ ପ୍ରଶଂସା କରିଥିଲେ । ଜିଲ୍ଲାରେ ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି ।

ଦେବଗଡ଼ ଜିଲ୍ଲାରେ ଉତ୍କଳ ଦିବସ ସମାରୋହରେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ଅବସରରେ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି । ଜିଲ୍ଲା ପୁଲିସ୍ ପକ୍ଷରୁ ଆୟୋଜିତ ଉତ୍ସବରେ ଶ୍ରେଷ୍ଠ କାର୍ଯ୍ୟଦକ୍ଷତା ପ୍ରତିପାଦନ କରିଥିବା ପୁଲିସ୍ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ବୌଦ୍ଧ ଜିଲ୍ଲାରେ ଜିଲ୍ଲା ପ୍ରଶାସନ ପକ୍ଷରୁ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ ପୂର୍ବକ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଜିଲ୍ଲା ପୁଲିସ୍ ଏବଂ ପଞ୍ଚମ ଆର୍.ଆର୍.ବି. ବାଟାଲିୟନ ପକ୍ଷରୁ ପୁଲିସ୍ ପ୍ରତିଷ୍ଠା ଦିବସ ଅବସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମ୍ମିଳିତ ପରେଡ୍ ଗ୍ରହଣ କରିଥିଲେ ।

ବାଲେଶ୍ୱର ପୁଲିସ୍ ଲାଇନ୍‌ରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ଆଇ.ଜି. ଦୀପକ୍ କୁମାର ଅଭିବାଦନ ଗ୍ରହଣ କରିବା ସହ ୬ ଜଣ ପୁଲିସ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଉତ୍କଳ ଦିବସ ପାଳିତ ହୋଇଥିଲା ।

ଖୋର୍ଦ୍ଧା ଜିଲ୍ଲା ପୁଲିସ୍ ପକ୍ଷରୁ ଆୟୋଜିତ ଉତ୍ସବରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର ମୁଖ୍ୟ ଅତିଥି ଭାବେ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଉତ୍କଳ ଦିବସ ପାଳନ ଅବସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଓଡ଼ିଶା ପ୍ରଦେଶ ଗଠନର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ ।

ସେହିପରି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିଠାରେ ଆୟୋଜିତ ଉତ୍କଳ ଦିବସ ସମାରୋହରେ ଶୋଭାଯାତ୍ରା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଆୟୋଜିତ ପୁଲିସ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର  ଉଲ୍ଲେଖନୀୟ ଅବଦାନ ପାଇଁ ପୁଲିସ୍ କର୍ମଚାରୀମାନଙ୍କୁ ପୁରସ୍କୃତ କରିଥିଲେ ।

*PR*

## ପି.ଆଇ.ବି. ମହାନିର୍ଦ୍ଦେଶକ

୧୯୯୦ ବ୍ୟାଚ୍‌ର ଭାରତୀୟ ସୂଚନା ସେବା ଅଧିକାରୀ ସେଫାଲି ବି. ଶରଣ ଆଜି ପତ୍ର ସୂଚନା କାର୍ଯ୍ୟାଳୟ - ପି.ଆଇ.ବି.ର ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ମନୀଷ ଦେଶାଇଙ୍କ ଅବସର ପରେ ସେ ଏହି ଦାୟିତ୍ୱ ଗ୍ରହଣ କରିଥିବା ସୂଚନା ମିଳିଛି । ଶ୍ରୀମତୀ ଶରଣ ପୂର୍ବରୁ ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ପ୍ରସାରଣ ମନ୍ତ୍ରଣାଳୟରେ ସଫଳତାର ସହିତ କାର୍ଯ୍ୟ କରିଥିବାବେଳେ ଭାରତୀୟ ନିର୍ବାଚନ ଆୟୋଗଙ୍କ ମୁଖପାତ୍ର ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ ।

*HS*

## ସ୍କୁଲ୍, ଅଙ୍ଗନୱାଡ଼ି କେନ୍ଦ୍ର - ସକାଳୁଆ

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ରାଜ୍ୟର ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର କାର୍ଯ୍ୟ ସମୟ ସକାଳ ୭ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରାଯାଇଥିବାବେଳେ ଆବଶ୍ୟକ ସ୍ଥଳେ ଜିଲ୍ଲାପାଳ ସମୟ ନିର୍ଘଣ୍ଟ କରିପାରିବେ ବୋଲି କୁହାଯାଇଛି । ଏଥିସହିତ ସ୍କୁଲ୍

ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ପାନୀୟ ଜଳ ଖାଦ୍ୟପୁଡ଼ିଆ, ଓ.ଆର୍.ଏସ୍. ପ୍ୟାକେଟ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ରଖିବାକୁ କୁହାଯାଇଛି ।

***Puri/R***

## ମତଦାନ - ପ୍ରମାଣପତ୍ର

ଚଳିତ ସାଧାରଣ ନିର୍ବାଚନରେ ଭୋଟର ଫଟୋ ପରିଚୟ ପତ୍ର କିମ୍ବା ଅନ୍ୟ ୧୨ଟି ବିକଳ୍ପ ଫଟୋ ପରିଚୟ ମଧ୍ୟରେ ଯେକୌଣସି ଗୋଟିଏ ଦେଖାଇ ଭୋଟ ଦେଇପାରିବେ । ସେଗୁଡ଼ିକ ହେଉଛି - ଆଧାର କାର୍ଡ, ମନରେଗା କାର୍ଡ, ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସରୁ ଦିଆଯାଇଥିବା ଫଟୋ ଲାଗିଥିବା ପାସ୍‌ବୁକ୍, ସ୍ୱାସ୍ଥ୍ୟବୀମା ସ୍ମାର୍ଟ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାନ୍ କାର୍ଡ, ଏନ୍.ପି.ଆର. ସ୍ମାର୍ଟ କାର୍ଡ, ଭାରତୀୟ ପାସ୍ ପୋର୍ଟ, ଫଟୋ ସହିତ ପେନ୍‌ସନ୍ ଡକ୍ୟୁମେଂଟ, କେନ୍ଦ୍ର ସରକାର/ରାଜ୍ୟ ସରକାର/ ସରକାରୀ ଉଦ୍ୟୋଗ/ ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ/ ପବ୍ଲିକ୍ ଲିମିଟେଡ୍ କମ୍ପାନୀ ତରଫରୁ କର୍ମଚାରୀମାନଙ୍କୁ ପ୍ରଦାନ କରାଯାଇଥିବା ଫଟୋ ଲାଗିଥିବା ପରିଚୟ ପତ୍ର, ସାଂସଦ/ବିଧାୟକ/ବିଧାନ ପରିଷଦ ସଦସ୍ୟଙ୍କୁ ପ୍ରଦାନ କରାଯାଇଥିବା ସରକାରୀ ପରିଚୟ ପତ୍ର ଏବଂ ସ୍ୱତନ୍ତ୍ର ଭିନ୍ନକ୍ଷମ ପରିଚୟ ପତ୍ର । ଏନେଇ ନିର୍ବାଚନ ଆୟୋଗ ନିର୍ଦ୍ଦେଶନାମା ଜାରି କରିଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

***HS***

## ଦେଶ – ମତଦାନ

ଦେଶରେ ଆସନ୍ତା ସାଧାରଣ ନିର୍ବାଚନ ଲାଗି ପ୍ରାୟ ୯୭ କୋଟି ପଞ୍ଜିକୃତ ଭୋଟର ମତଦାନ କରିବେ ବୋଲି ଭାରତୀୟ ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡିଛି । ମତଦାନ ଲାଗି ଦେଶରେ ସାଢ଼େ ୧୦ ଲକ୍ଷ ମତଦାନ କେନ୍ଦ୍ର ଏବଂ ଦେଢ଼କୋଟି ପୋଲିଂ ଅଧିକାରୀ ଏବଂ ସୁରକ୍ଷା କର୍ମଚାରୀ ନିୟୋଜିତ ହୋଇଛନ୍ତି । ଭୋଟରତାଲିକାରେ ନିଜର ନାମ ଯାଞ୍ଚ କରିବା ଏବଂ ନିଜନିଜର ନିର୍ବାଚନମଣ୍ଡଳୀରେ ଭୋଟ୍‌ଗ୍ରହଣ ତାରିଖକୁ ଜାଣିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ଆଜି ବିଭିନ୍ନ ସମ୍ବାଦପତ୍ରରେ କ୍ୟୁ-ଆର୍ କୋଡ୍ ସମ୍ବନ୍ଧିତ ବିଜ୍ଞାପନ ପ୍ରକାଶ ପାଇଛି । ଭୋଟରମାନେ ସେମାନଙ୍କର ମତଦାନ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ହେଲ୍ପଲାଇନ୍ ନମ୍ବର ୧୯୫୦କୁ ଡାଏଲ କରିପାରିବେ ।

***Desk***

## ରାଜ୍ୟ – ମତଦାନ

ଭାରତର ନିର୍ବାଚନ ଆୟୋଗଙ୍କ ସୂଚନା ଅନୁସାରେ ଓଡ଼ିଶାରେ ନିର୍ବାଚନ ଲାଗି ୩୦ ହଜାର ୬୫୩ଟି ସ୍ଥାନ ନିରୂପଣ କରାଯାଇଛି । ଏହି

ସ୍ଥାନଗୁଡ଼ିକରେ ୩୭ ହଜାର ୮୦୯ ମତଦାନ କେନ୍ଦ୍ର କରାଯାଇଛି । ଓଡ଼ିଶାର ସହର ଅଞ୍ଚଳଗୁଡ଼ିକରେ ୪ ହଜାର ୩୮୦ ଏବଂ ଗ୍ରାମାଞ୍ଚଳ ଗୁଡ଼ିକରେ ୩୩ ହଜାର ୪୨୯ ମତଦାନ କେନ୍ଦ୍ର କରିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିସହିତ ୧୫ଶହରୁ ଅଧିକ ସ୍ଥାନରେ ସହାୟକ ମତଦାନ କେନ୍ଦ୍ର କରିବା ପାଇଁ ସ୍ଥିର ହୋଇଥିବା ଜଣାପଡିଛି । ଭୋଟରଙ୍କ ସୁବିଧା ପାଇଁ ସମସ୍ତ ମତଦାନ କେନ୍ଦ୍ରରେ ରାମ୍ପ, ପାନୀୟଜଳ, ବିଦ୍ୟୁତ ସଂଯୋଗ, ପୁରୁଷ ଏବଂ ମହିଳାଙ୍କ ପାଇଁ ପୃଥକ୍ ପୃଥକ୍ ଶୌଚାଳୟ ସୁବିଧା ଭଳି ନିଶ୍ଚିତ ହୋଇଥିବା ସର୍ବନିମ୍ନ ସୁବିଧା କରାଇବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ ଆୟୁକ୍ତ ନିର୍ଦ୍ଦେଶନାମା ଅନୁସାରେ, ସମସ୍ତ ମତଦାନ କେନ୍ଦ୍ରରେ ଭୋଟର ସହାୟତା ବୁଥ୍ ସ୍ଥାପନ କରାଯିବ। ମତଦାନ ଦିନ ବୁଥ୍‌ଗୁଡ଼ିକର ମୋଟ୍ ସଂଖ୍ୟାର ୬୦ ପ୍ରତିଶତ ୱେବକାଷ୍ଟିଂ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ମୋଟ୍ ମତଦାନ କେନ୍ଦ୍ରଗୁଡ଼ିକ ମଧ୍ୟରୁ ପ୍ରାୟ ୨୦ ପ୍ରତିଶତ ମଡେଲ ମତଦାନ କେନ୍ଦ୍ର କରାଯିବ। ଏହି ସବୁ ମଡେଲ ମତଦାନ କେନ୍ଦ୍ରଗୁଡ଼ିକ ଯୁବ, ମହିଳା ଏବଂ ଭିନ୍ନକ୍ଷମଙ୍କ ଦ୍ୱାରା ପରିଚାଳିତ ହେବ।

***Met. O.***

# ପାଣିପାଗ

ରାଜ୍ୟରେ ଆସନ୍ତାକାଲିଠାରୁ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ଏବଂ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଜଳବାୟୁରେ ଆର୍ଦ୍ରତା ୫୦

ପ୍ରତିଶତ ରହିବା କାରଣରୁ ରାତିରେ ମଧ୍ୟ ଅସହ୍ୟ ଗରମ ଓ ଗୁଳଗୁଳି ଅନୁଭୂତ ହେବ । ଆଜି ବାରିପଦା ଓ ଝାରସୁଗୁଡ଼ାରେରେ ସର୍ବାଧିକ ଦିନ ତାପମାତ୍ରା ୪୦ ଦଶମିକ ୪ ଡିଗ୍ରୀ ରେକର୍ଡ଼ କରାଯାଇଥିବାବେଳେ ବଲାଙ୍ଗିରରେ ୪୦ ଦଶମିକ ୩, ତାଳଚେର, ଭବାନୀପାଟଣା, ଟିଟିଲାଗଡ଼, ନୟାଗଡ଼ ଓ ବୌଦ୍ଧରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ଼ କରାଯାଇଛି । ରାଜ୍ୟର ୧୮ଟି ସହରର ତାପମାତ୍ରା ୩୮ ଡିଗ୍ରୀରୁ ଅଧିକ ଥିଲା ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି ।

ତାପମାତ୍ରା ବୃଦ୍ଧି ପାଉଥିବାରୁ ପାଣିପାଗ ବିଭାଗ ଏବଂ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଲୋକମାନଙ୍କ ପାଇଁ ସ୍ୱତନ୍ତ୍ର ସୂଚନା ଜାରି କରାଯାଇଛି । ଅଂଶୁଘାତ ଓ ଡାଇରିଆର ପ୍ରତିଷେଧକ ବ୍ୟବସ୍ଥା ପାଇଁ ସମସ୍ତ ଡାକ୍ତରଖାନାରେ ଆବଶ୍ୟକ ସୁବିଧା ଉପଲବ୍ଧ କରିବା ପାଇଁ କୁହାଯାଇଛି। ଅଗ୍ନିଶମ ବିଭାଗ ସହିତ ଅନ୍ୟ ବିଭାଗଗୁଡ଼ିକ ମଧ୍ୟ ପ୍ରସ୍ତୁତ ରହିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

*****